# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 03 November – 2025

*********************************

## ମୁଖ୍ୟ ସମ୍ବାଦ

- ଭାରତ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ଅଗ୍ରଣୀ ରାଷ୍ଟ୍ର ଭାବେ ନିଜକୁ ସ୍ଥାନିତ କରିଛି; କହିଲେ ପ୍ରଧାନମନ୍ତ୍ରୀ
- ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀଙ୍କୁ କ୍ୟାଡର ନିୟମାବଳୀ କାର୍ଯ୍ୟକାରୀ କରିବା ପାଇଁ ମାର୍ଗଦର୍ଶିକା ଜାରି
- ପୁରୀ ଶ୍ରୀମନ୍ଦିରରେ ଆଜି ଅନୁଷ୍ଠିତ ହେଉଛି ମହାପ୍ରଭୁଙ୍କ ତ୍ରିବିକ୍ରମ ବେଶ

— କଟକରେ ବଡସିଂହାର ବେଶରେ ଦର୍ଶନ ଦେଉଛନ୍ତି ବାବା ଧବଳେଶ୍ୱର

ଏବଂ

- ଜନସାଧାରଣ ଏବଂ ପରିବେଶ ମଧ୍ୟରେ ସମ୍ପର୍କକୁ ସଶକ୍ତ କରିବା ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି 'ଅନ୍ତର୍ଜାତୀୟ ଜୈବମଣ୍ଡଳ ସଂରକ୍ଷଣ ଦିବସ'

# ପିଏମ୍

ଭାରତ ଏବେ ପ୍ରଯୁକ୍ତିବିଦ୍ୟାର ଉପଭୋକ୍ତା ନୁହେଁ, ବରଂ ଏକ ଅଗ୍ରଣୀ  ରାଷ୍ଟ୍ର ଭାବେ ନିଜକୁ ସ୍ଥାନିତ କରିପାରିଛି ବୋଲି  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ **ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ନବସୃଜନ** ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସରକାର  ନବସୃଜନ କ୍ଷେତ୍ରରେ ନୂତନ ଇକୋସିଷ୍ଟମ୍ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗବେଷଣାର ସହଜତା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଛନ୍ତି। ଦେଶରେ ବିଶ୍ୱର ସବୁଠାରୁ ସଫଳତମ ଡିଜିଟାଲ୍ ଭିତ୍ତିଭୂମି ଉପଲବ୍ଧ ହେଉଛି  ବୋଲି ଶ୍ରୀ ମୋଦୀ କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ  ୧ ଲକ୍ଷ କୋଟି ଟଙ୍କାର ଗବେଷଣା ବିକାଶ ଏବଂ ନବସୃଜନ ଭିତ୍ତିକ ପ୍ରକଳ୍ପର ଶୁଭାରମ୍ଭ କରି କହିଛନ୍ତି.....

**V/O(PM- Innovetion)**

ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ କିଛିବର୍ଷ ମଧ୍ୟରେ ଭାରତ ସବୁଜ ହାଇଡ୍ରୋଜେନ୍, କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ୍, ଗଭୀର ସାମୁଦ୍ରିକ ଏବଂ ଜଟିଳ ଖଣିଜ ପଦାର୍ଥ କ୍ଷେତ୍ରରେ ଗବେଷଣାକୁ ସରକାର ଗୁରୁତ୍ୱ ଦେଉଛନ୍ତି ।

ଏକବିଂଶ ଶତାବ୍ଦୀ ଅଭୂତପୂର୍ବ ପରିବର୍ତ୍ତନର ସମୟ ଭାବେ ଉଭା ହୋଇଛି । ସାରା ବିଶ୍ୱ ଭାରତର ପରିବର୍ତ୍ତନକୁ ଗ୍ରହଣ ଏବଂ ଅନୁକରଣ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଭାରତୀୟ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ନବସୃଜନକୁ ଗୁରୁତ୍ୱ ଦେବା ଉଦ୍ଦେଶ୍ୟରେ ଅନୁସନ୍ଧାନ ରାଷ୍ଟ୍ରୀୟ ଗବେଷଣା ପ୍ରତିଷ୍ଠାନ ସ୍ଥାପନ କରାଯାଇଛି । ଘରୋଇ କ୍ଷେତ୍ରରେ ମଧ୍ୟ ଗବେଷଣା ଏବଂ ବିକାଶ କାର୍ଯ୍ୟକୁ ସମାନ ଭାବରେ ଗୁରୁତ୍ୱ ଦିଆଯାଉଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

## କୃଷି-ମାର୍ଗଦର୍ଶିକା

ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀଙ୍କ କ୍ୟାଡର ନିୟମାବଳୀ କାର୍ଯ୍ୟକାରୀ କରିବା ପାଇଁ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ନିଯୁକ୍ତି, ବଦଳି, ପଦୋନ୍ନତି ଏବଂ ଶୃଙ୍ଖଳାଗତ କାର୍ଯ୍ୟରେ ସ୍ୱଚ୍ଛତା ଓ ଦାୟିତ୍ୱ ଆଣିବା ପାଇଁ ଏହି ବ୍ୟବସ୍ଥା ଲାଗୁ କରାଯିବ। କ୍ୟାଡର ନିୟମାବଳୀର ବ୍ୟବସ୍ଥା ଅନୁଯାୟୀ ଜିଲ୍ଲାପାଳ କମିଟିର ଅଧ୍ୟକ୍ଷ ଦାୟିତ୍ୱରେ ରହିବେ। ଏହି କମିଟି ପ୍ୟାକ୍ସ ବା ଏଲଏମ୍‌ପ୍ୟାକ୍ସ ସମ୍ପାଦକଙ୍କ ନିଯୁକ୍ତି, ବଦଳି ଓ ଶୃଙ୍ଖଳାଗତ କାର୍ଯ୍ୟର ତଦାରଖ କରିବା ପାଇଁ ଗଠନ କରାଯିବ। ଜିଲ୍ଲାରେ କ୍ୟାଡର ନିୟମାବଳୀର କାର୍ଯ୍ୟାନ୍ୱୟନ ସମୀକ୍ଷା ପାଇଁ ଜିଲ୍ଲାସ୍ତରୀୟ କମିଟିକୁ ବୈଠକ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି କ୍ୟାଡର କର୍ମଚାରୀଙ୍କ ସଠିକ୍

ରେକର୍ଡ, ସେବା ପୁସ୍ତକ ଏବଂ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ରଖିବା ପାଇଁ ଏଆରସିଏସ୍, ଡିସିସିବି ଏବଂ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାସ୍ତରରେ ଜିଲ୍ଲାପାଳ, ଅତିରିକ୍ତ ଆରସିଏସ୍ ଅଧ୍ୟକ୍ଷ, ସମବାୟ ସମିତିର ଉପନିବନ୍ଧକ ସହ ଅନ୍ୟ ସଦସ୍ୟ ସଂଯୋଜକଙ୍କୁ ନେଇ କମିଟି ଗଠନ କରାଯିବା ନେଇ ଜଣାପଡିଛି।

## ରେଲ ଆପ୍

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ ରେଳମଣ୍ଡଳ ଖୋର୍ଦ୍ଧାରୋଡ ଷ୍ଟେସନ୍ ସମେତ ଭୁବନେଶ୍ୱର, କଟକ ଏବଂ ପୁରୀ ଷ୍ଟେସନରେ 'ରେଲ୍ୱାନ୍ ଆପ୍' ପାଇଁ ଯାତ୍ରୀ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଯାତ୍ରୀମାନଙ୍କୁ ଆପ୍ ସମ୍ପର୍କରେ ସୂଚାଇବା ଏବଂ ଯାତ୍ରୀମାନଙ୍କ ସହଜ ଓ ସୁବିଧା ଯାତ୍ରା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିବା ହେଉଛି ଏହି ଅଭିଯାନର ଲକ୍ଷ୍ୟ। ଆଗାମୀ ଦିନରେ ରେଳ ମଣ୍ଡଳ ଅଧୀନରେ ଥିବା ଅନ୍ୟ ପ୍ରମୁଖ ଷ୍ଟେସନଗୁଡ଼ିକରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯିବ। ଯାତ୍ରୀ ଓ ରେଳ ବ୍ୟବହାରକାରୀମାନେ ସେମାନଙ୍କ ପୂର୍ବ ଆଇଆରସିଟିସି ନେକ୍ସଟ ଜେନ୍ ଆପ୍ଲିକେଶନ ଏବଂ ୟୁଟିଏସ୍ ଅନ୍ ମୋବାଇଲ୍ ମାଧ୍ୟମରେ ସଂରକ୍ଷିତ ଓ ଅଣସଂରକ୍ଷିତ ଟିକେଟ୍ ବୁକ୍ କରିବା ପାଇଁ ପ୍ରମାଣପତ୍ର ସହ ରେଲ୍ୱାନ୍ ଆପ୍ ବ୍ୟବହାର କରିପାରିବେ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି।

## ବ୍ୟାଙ୍କ ଟଙ୍କା-ତଥ୍ୟ ଦାଖଲ

ବ୍ୟାଙ୍କରେ କାର୍ଯ୍ୟକାରୀ ହୋଇପାରୁନଥିବା ସରକାରୀ ଟଙ୍କାର ସମ୍ପୂର୍ଣ୍ଣ ତଥ୍ୟ ଦାଖଲ ପାଇଁ ଅର୍ଥ ବିଭାଗ ସମସ୍ତ ବିଭାଗକୁ ଚିଠି ମାଧ୍ୟମରେ ଅବଗତ କରାଇଛି । ବିଭାଗର ଅନ୍‌ଲାଇନ୍ ବଜେଟ୍.ଜିଓଭି.ଇନ୍‌ରେ ତଥ୍ୟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସରକାରଙ୍କ ସମସ୍ତ ନିର୍ଦ୍ଦେଶାଳୟ, କମିଶନରେଟ୍ କିମ୍ବା ଅନ୍ୟ କୌଣସି ସରକାରୀ ସଂଗଠନ ଯେପରିକି ସୋସାଇଟି, ବିଶ୍ୱବିଦ୍ୟାଳୟ ଆଦିକୁ ତଥ୍ୟ ଦାଖଲ ପାଇଁ ଚିଠିରେ ଉଲ୍ଲେଖ ରହିଛି ।

## ଉପନିର୍ବାଚନ

**ନୂଆପଡ଼ା** ବିଧାନସଭା ଉପନିର୍ବାଚନକୁ ଆଉ ୮ ଦିନ ବାକି ଅଛି । ୩ ପ୍ରମୁଖ ରାଜନୈତିକ ଦଳ ସମେତ ଅନ୍ୟ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀମାନଙ୍କ ପକ୍ଷରୁ ପ୍ରଚାର କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୬ ରୁ ୮ ତାରିଖ ମଧ୍ୟରେ ନୂଆପଡ଼ା ଗସ୍ତରେ ଯାଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

ଉପନିର୍ବାଚନ ସମ୍ପର୍କରେ ଆମ **ନୂଆପଡ଼ା** ସମ୍ବାଦଦାତାଙ୍କ ରିପୋର୍ଟ....

**- V/O**

ନୂଆପଡ଼ା ଉପନିର୍ବାଚନ ଆସନ୍ତା ୧୧ ତାରିଖ ଗୁରୁବାର ଦିନ ଅନୁଷ୍ଠିତ ହେବ। ୧୪ ତାରିଖରେ ଭୋଗ ଗଣତି ସହ ଫଳାଫଳ ପ୍ରକାଶ ପାଇବ ବୋଲି ଜଣାପଡିଛି।

# ପଞ୍ଚକ

ପୁରୀ ଶ୍ରୀମନ୍ଦିରରେ ଆଜି ପଞ୍ଚକ ବ୍ରତର ଦ୍ୱିତୀୟ ଦିନରେ ମହାପ୍ରଭୁଙ୍କ ତ୍ରିବିକ୍ରମ ବେଶ ଅନୁଷ୍ଠିତ ହେଉଛି । ମଧ୍ୟରାତ୍ରରେ ବଡ଼ସିଂହାର ବେଶ ପରେ ଗରୁଡ଼ ଉତ୍ଥାପନ ନୀତି ଅନୁଷ୍ଠିତ ହେବ । ଚଳିତବର୍ଷ ଦ୍ୱାଦଶୀ ତିଥି କ୍ଷୟ ହୋଇଥିବା ହେତୁ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଅନୁଷ୍ଠିତ ହେବ ନାହିଁ । ତ୍ରିବିକ୍ରମ ବେଶରେ ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

# ପଞ୍ଚକ

**କଟକ** ଜିଲ୍ଲାର ଆଠଗଡ଼ସ୍ଥିତ ବାବା ଧବଳେଶ୍ୱରଙ୍କ ପୀଠରେ ତୃତୀୟ ପଞ୍ଚୁକ ଓ ବଡ଼ଓଷା ପାଳନ କରାଯାଉଛି। ବାବା ଧବଳେଶ୍ୱରଙ୍କୁ ଆଜି ବଡ଼ସିଂହାର ବେଶରେ ସୁସଜ୍ଜିତ କରାଯାଇଛି। ମଧରାତ୍ରରେ ତ୍ରୟୋଦଶୀ ଓ ଚତୁର୍ଦ୍ଦଶୀ ସନ୍ଧିକ୍ଷଣରେ ବାବା ଧଳବଳେଶ୍ୱରଙ୍କ ପୀଠରେ ପ୍ରସିଦ୍ଧ ବଡ଼ ଓଷା

ପର୍ବ ପାଳିତ ହେବ। ବଡ଼ଓଷା ନୀତି ପାଳନ ସମ୍ପର୍କରେ ମନ୍ଦିରର ପୂଜକ କହିଛନ୍ତି.....

**- V/O -**

ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ୩ ଜଣ ଅତିରିକ୍ତ ଏସ୍‌ପି, ୮ ଜଣ ଡିଏସପି, ୨୦ ଜଣ ଆଇଆଇସିଙ୍କ ସହ ୧୫ ପ୍ଲାଟୁନ୍ ପୁଲିସ୍ ଫୋର୍ସ୍ ମୁତୟନ କରାଯାଇଛି।

## କାର୍ତ୍ତିକ ପୂର୍ଣ୍ଣିମା

କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତିଥିରେ **ନୟାଗଡ଼** ଜିଲ୍ଲାର ପ୍ରସିଦ୍ଧ ଶ୍ରୀନୀଳମାଧବଜୀଉ ଆଜି ମୂରଲୀଧର ବେଶ ଓ ଗରୁଡଗୋବିନ୍ଦ ବେଶରେ ଦର୍ଶନ ଦେଉଛନ୍ତି। ଏହି ଦେବଦୁର୍ଲଭ ବେଶ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ବହୁ ସମାଗମ ହୋଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।

ସେହିଭଳି ପବିତ୍ର କାର୍ତ୍ତିକ ମାସ ଶେଷ ସୋମବାରରେ ଆଜି ଲଡୁବାବାଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ ଲାଗି ରହିଛି। ଲଡୁବାବାଙ୍କ ଚଳନ୍ତି ପ୍ରତିମା ପ୍ରଭୁ ଚନ୍ଦ୍ରଶେଖର ପୁଷ୍ପସଜ୍ଜିତ ବିମାନରେ ଘଣ୍ଟ, କାହାଳୀ, ଛତି ଓ ତ୍ରାସ ସହ ଭକ୍ତଙ୍କ ଗହଣରେ ମନ୍ଦିର ବେଢ଼ା ପରିକ୍ରମା କରିଛନ୍ତି।

## ଜୈବମଣ୍ଡଳ ସଂରକ୍ଷଣ ଦିବସ

ଜନସାଧାରଣ ଏବଂ ପରିବେଶ ମଧ୍ୟରେ ସମ୍ପର୍କକୁ ସଶକ୍ତ କରିବା ତଥା ବୈଶ୍ୱିକ ପରିବର୍ତ୍ତନ ପାଇଁ ସ୍ଥାନୀୟ କାର୍ଯ୍ୟକାରିତାର ଗୁରୁତ୍ୱର ବାର୍ତ୍ତା ନେଇ ଆଜି ଅନ୍ତର୍ଜାତୀୟ ଜୈବମଣ୍ଡଳ ସଂରକ୍ଷଣ ଦିବସ ପାଳନ କରାଯାଉଛି। ସାଧାରଣତଃ ସଂରକ୍ଷିତ ଦୁର୍ଲ୍ଲଭ ଜୈବ ବିବିଧତା ପରିପୂର୍ଣ୍ଣ ସ୍ଥାନ ଏବଂ ପ୍ରାକୃତିକ ସ୍ଥଳଗୁଡ଼ିକୁ ଜୈବମଣ୍ଡଳ ସଂରକ୍ଷଣ ବୋଲି କୁହାଯାଇଥାଏ। ପ୍ରକୃତି ସହିତ ସ୍ଥାୟୀ ଏବଂ ସାମଞ୍ଜସ୍ୟପୂର୍ଣ୍ଣ ସଂହତି ରକ୍ଷା କରିବା ଲାଗି ଏହି ଦିବସ ପାଳନ କରାଯାଉଛି। ୨୦୨୧ ମସିହାରେ ୟୁନେସ୍କୋ ସାଧାରଣ ଅଧିବେଶନରେ ଜୈବମଣ୍ଡଳ ସଂରକ୍ଷଣ ଦିବସ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ୟୁନେସ୍କୋ ତଥ୍ୟ ଅନୁସାରେ ବିଶ୍ୱର ୧୪୨ଟି ଦେଶରେ ୭୮୪ଟି ଜୈବମଣ୍ଡଳ ସଂରକ୍ଷଣ ସ୍ଥଳ ରହିଛି। ଭାରତରେ ୧୮ଟି ଜୈବମଣ୍ଡଳ ସଂରକ୍ଷଣ ସ୍ଥଳ ରହିଥିବାବେଳେ ଏଥିରୁ ୧୩ଟିକୁ ୟୁନେସ୍କୋ ସ୍ୱିକୃତି ପ୍ରଦାନ କରିଥିବା ଜଣାପଡିଛି।

## ଇକୋ ରିଟ୍ରିଟ୍

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆସନ୍ତା ୧୫ତାରିଖରୁ ଦାରିଙ୍ଗିବାଡ଼ି, ହୀରାକୁଦ, ସାତକୋଶିଆ, ଭିତରକନିକା, ପତିସୋନାପୁର ଏବଂ କୁଟସିଲ୍ ଇକୋ ରିଟ୍ରିଟ୍‌ର ଶୁଭାରମ୍ଭ ହେବ । ଏଥିପାଇଁ ବିଭାଗ ପକ୍ଷରୁ ଅନ୍‌ଲାଇନ୍‌ରେ ବୁକିଂ ଆରମ୍ଭ ହୋଇଯାଇଛି । ତେବେ

କୋଣାର୍କରେ ଆସନ୍ତା ମାସ ୧୩ ତାରିଖରୁ ଇକୋରିଟ୍ରିଟ୍ ହେବ ବୋଲି ଜଣାପଡ଼ିଛି ।